**ଗ୍ରାମୀଣ କୃଷି ମୌସମ ସେବା**
**ଭାରତ ପାଣିପାଗ ବିଜ୍ଞାନ ବିଭାଗ**
**ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟ**
**ଭୁବନେଶ୍ୱର, ଓଡିଶା**

ଘୁ. ଉଦୟଗିରି, ଓଡିଶା : ୧୨.୦୩.୨୦୨୪ (ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

---

**Sri Rahul Kumar Sahu**
**Jr. Agrometeorologist**

**ସପ୍ତାହ ସଂଖ୍ୟା- ୧୧**

**ତାରିଖ ୧୨.୦୩.୨୦୨୪**
**ବୁଲେଟିନ ନଂ.୨୧**

**ଭାରତ ପାଣିପାଗ ବିଜ୍ଞାନ ବିଭାଗ. ଭୁବନେଶ୍ୱର ଅନୁଯାୟୀ**
**ପାଣିପାଗ ପୂର୍ବାନୁମାନ (୧୭.୦୩.୨୦୨୪) ପର୍ଯ୍ୟନ୍ତ**

**ଜିଲ୍ଲା କନ୍ଧମାଳ** – ଭାରତ ପାଣିପାଗ ବିଜ୍ଞାନ ବିଭାଗ ଭୁବନେଶ୍ୱର ର ପୂର୍ବାନୁମାନ ଅନୁଯାୟୀ, କନ୍ଧମାଳ ଜିଲ୍ଲାରେ ଆସନ୍ତା ୧୬, ଓ ୧୭ ତାରିଖରେ ହାଲୁକା ବର୍ଷା ହେବାର ସମ୍ଭାବନା ଅଛି ଏହା ସହ ଆକାଶ ସଫାରୁ ମେଘାଛାଦିତ ରହିପାରେ। ପବନର ବେଗ ୦୭-୦୮ କି.ମି. ବେଗ ମଧରେ ରହିପାରେ। ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୪-୩୭ ଏବଂ ୨୦-୨୨ ଡିଗ୍ରୀ ସେଲସିୟସ ରହିବ। ସର୍ବୋଚ୍ଚ ଓ ସର୍ବନିମ୍ନ ଆପେକ୍ଷିକ ଆଦ୍ରତା ଗତ ସପ୍ତାହ ଠାରୁ ଅଧିକ ରହିବ ଏବଂ ଯଥାକ୍ରମେ ଶତକଡା ୫୨-୭୭% ଏବଂ ୧୩-୨୫% ମଧରେ ରହିବାର ସମ୍ଭାବନା ଅଛି।

| ଜିଲ୍ଲା | ତାରିଖ | ବର୍ଷା ମିମି) ( | ସର୍ବାଧିକ ତାପମାତ୍ରା (°ସେଲସିୟସ) | ସର୍ବନିମ୍ନ ତାପମାତ୍ରା(°ସେଲସିୟସ ) | ମେଘାଛନ୍ନ (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | ପବନ ର ବେଗ ଘଣ୍ଟା ପ୍ରତି (କିମି) | ପବନ ର ଦିଗ (ଡିଗ୍ରୀ) |
|---|---|---|---|---|---|---|---|---|---|
| କନ୍ଧମାଳ | ୧୩-୦୩-୨୦୨୪ | ୦ | ୩୬ | ୨୦ | ୦ | ୬୮ | ୧୪ | ୮ | ୨୨୫ |
| | ୧୪-୦୩-୨୦୨୪ | ୦ | ୩୭ | ୨୦ | ୦ | ୬୩ | ୧୩ | ୮ | ୨୧୦ |
| | ୧୫-୦୩-୨୦୨୪ | ୦ | ୩୭ | ୨୦ | ୪ | ୫୨ | ୧୩ | ୮ | ୨୧୦ |
| | ୧୬-୦୩-୨୦୨୪ | ୨ | ୩୬ | ୨୧ | ୮ | ୭୭ | ୧୪ | ୭ | ୧୫୦ |
| | ୧୭-୦୩-୨୦୨୪ | ୫ | ୩୪ | ୨୨ | ୮ | ୭୩ | ୨୫ | ୭ | ୧୬୭ |

**କୃଷିପାଣିପାଗ ଉପଦେଶାବଳୀ**

- ଆଗାମୀ ଶୁଖିଲା ପାଗକୁ ଦେଖି ଚାଷୀମାନେ ଜଳସେଚନ ର ବ୍ୟବସ୍ଥା କରନ୍ତୁ।
- ଚାଷୀମାନେ କୀଟନାଶକ ପ୍ରୟୋଗକୁ ପୁଣି ଥରେ ଆରମ୍ଭ କରିପାରିବେ ଯାହା ପୂର୍ବ ବର୍ଷା ପାଗ ଯୋଗୁଁ ସ୍ଥଗିତ ରହିଥିଲା।
- ଗରମ ଦିନରେ ଗାଈଗୋରୁଙ୍କୁ ଉପଯୁକ୍ତ ପରିମାଣରେ ବିଶୁଦ୍ଧ ପାନୀୟ ଜଳ ଦିଅନ୍ତୁ।
- ଉପଯୁକ୍ତ ସମୟରେ ଘାସ ବାଛନ୍ତୁ ନଚେତ ପରବର୍ତୀ ସମୟରେ ଫସଲ ର ଘାସ ସହ ପ୍ରତିଯୋଗୀତା ହୋଇ ଅମଳ ହ୍ରାସ ହେବାର ସମ୍ଭାବନା ଥାଏ।

**ବାଇଗଣ:**

- ବାଇଗଣରେ କାଣ୍ଡ ଓ ଫଳ ବିନ୍ଧା ପୋକ ର ନିରାକରଣ ପାଇଁ ସେଥିରେ ନିମ ଜାତୀୟ କିଟନାଶକ କୁ ୧୫୦୦ PPM@ ୭୦୦ମିଲି/ଏକର ହିସାବରେ ୨୦୦ ଲିଟର ହିସାବରେ ପ୍ରୟୋଗ କରନ୍ତୁ।

**ଧାନ:**

- ଧାନରେ ଥୋଡ ବାହାରିବା ସମୟରେ ସେଥିରେ ୨୦କେଜି ଇଉରିୟା ସାର ପକାନ୍ତୁ।
- ଧାନ ଫସଲରେ କାଣ୍ଡବିନ୍ଧା ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି Fipronil ନାମକ କୀଟନାଶକ କିମ୍ବା ୫୦-ଗ୍ରାମ Flubendiamide ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।

**ଚିନାବାଦାମ:**

- ଚିନାବାଦମ୍ ରେ ଟିକ୍କା ରୋଗର ପରିଚାଳନା ପାଇଁ ଏକର ପ୍ରତି Chlorothalonil **@**୪୦୦-ଗ୍ରାମ କିମ୍ବା ୬୦୦-ଗ୍ରାମ Mancozeb କିମ୍ବା ୩୦୦-ମି.ଲି Hexaconazole କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**ଆମ୍ବ:**

- ଫଳ ନ ଝଡିବା ପାଇଁ ଚଣା ଅବସ୍ତାରେ ଏବଂ ବାଟୁଳି ଅବସ୍ଥାରେ (Marble Stage) ଏନ.ଏ.ଏ ୨୦ ପିପିଏମ (Planofix ୦୪ ମିଲି ପ୍ରତି ଲିଟର) ସିଞ୍ଚନ କରନ୍ତୁ।

**ବିରି:**

- ବିରି ରେ ପତ୍ର ପଚା ରୋଗ( **ANTHRACNOSE**) ର ନିରାକରଣ ପାଇଁ ସମନ୍ବିତ ରୋଗ ପରିଚାଳନା ଆବଶ୍ୟକ।
- ପଚା ଶଢା କାଣ୍ଡ ଓ ପତ୍ର କୁ ବିଲରୁ କାଢି ନଷ୍ଟ କରିଦିଅନ୍ତୁ।
- ନିମ୍ନଲିଖିତ ଯେ କୌଣସି ଏକ ରାସାୟନିକ କୁ ପ୍ରୟୋଗ କରନ୍ତୁ।
- ମାଙ୍କୋଜେବ ୭୨**WP@** ୧୦୦୦ଗ୍ରାମ/ହେକ୍ଟର କିମ୍ବା **TEBUCONAZOLE** ୨୫.୯% **EC@**୫୦୦ ମିଲି/ହେକ୍ଟର କୁ ପ୍ରୟୋଗ କରନ୍ତୁ।

**ଗାଈ ଗୋରୁ :**

- ଖରା ଦିନରେ ପ୍ରାକୃତିକ ଉପାୟରେ ପାଣିର ମିଳିବା କଷ୍ଟକର ହୋଇଥାଏ
- ଉପଯୁକ୍ତ ସମୟ ଅନ୍ତରାଳରେ ଗାଈ ଗୋରୁଙ୍କୁ ବିଶୁଦ୍ଧ ପାନୀୟ ଜଳ ଦିଅନ୍ତୁ।
- ଗୁହାଳକୁ ଉତ୍ତମ ଭାବେ ପବନ ଚଳ ପ୍ରଚଳ ର ବ୍ୟବସ୍ଥା କରନ୍ତୁ।

**For better agriculture benefits use, OUAT KALINGA products (Seedling, Sampling & QPM, Tissue Culture Plants, Fruits and Vegetables, Value added products, Fingerlings/Yearlings, Poultry chicks, Breeds, Mushroom and Spawns, Bio-fertilizers, Bio-pesticides, Vermi & Vermi Compost).**

ASSOCIATE DIRECTOR OF RESEARCH & NODAL OFFICER